# NATIONAL NEWS BULLETIN (ODIA)

**10 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁଁ ଲୋକସଭା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଗୃହକାର୍ଯ୍ୟରେ ବିରୋଧୀ ସଦସ୍ୟ କ୍ରମାଗତ ବାଧା ସୃଷ୍ଟି କରୁଥିବାରୁ ସଂସଦର ମର୍ଯ୍ୟାଦା ହାନି ହେଉଥିବା କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ।

- ଭିବିଜୀ ରାମ୍‌ଜୀ ଅଧିନିୟମ କେବଳ ଏକ ନିଯୁକ୍ତି ଯୋଜନା ନୁହେଁ ବରଂ ଗ୍ରାମାଞ୍ଚଳ ବିକାଶ ଦିଗରେ ଏକ ସମ୍ପୂର୍ଣ୍ଣ ଢ଼ାଞ୍ଚା, କହିଲେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜି ସାଇବର ଜଡିତ ଠକେଇ ମୁକାବିଲା ସମ୍ପର୍କିତ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଜିର ପ୍ରଥମ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ୍‌ସ ଓ ନାମ୍ବିଆ ମଧ୍ୟରେ ଖେଳ ଜାରି ।

# ଏଲ୍‌ଏସ୍‌-ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ର କରି ବିରୋଧୀଦଳ ସଦସ୍ୟମାନଙ୍କ ଦ୍ୱାରା ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଲୋକସଭା ପୁନଃ ସମ୍ମିଳିତ ହେବା ପରେ ବିଭାଗୀୟ ମନ୍ତ୍ରୀମାନେ ଦସ୍ତାବିଜ୍ ଉପସ୍ଥାପନ କରିଥିଲେ । ପରେ ପୀଠାସୀନ ଅଧିକାରୀ ପି.ସି. ମୋହନ କେନ୍ଦ୍ରୀୟ ବଜେଟ୍-୨୦୨୬-୨୭ ଉପରେ ଆଲୋଚନା ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ସ୍ଲୋଗାନ ଦେଇ ଚାଲିଥିଲେ । ପୀଠାସୀନ ଅଧିକାରୀ ସଦସ୍ୟମାନଙ୍କୁ ନିଜ ଆସନକୁ ଫେରିଯାଇ ଆଲୋଚନାରେ ଭାଗ ନେବାଲାଗି ଅନୁରୋଧ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇନଥିଲା ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିରୋଧୀ ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ଲାଗି ଆହ୍ୱାନ ଦେଇଥିଲେ । ସେ କହିଥିଲେ କ୍ରମାଗତ ହଟ୍ଟଗୋଳ ଯୋଗୁଁ ସଂସଦର ମୂଲ୍ୟବାନ ସମୟ ନଷ୍ଟ ହୋଇଛି । ସେ ଅଭିଯୋଗ କରିଥିଲେ ବିରୋଧୀ ସଦସ୍ୟମାନେ ଜାଣିଶୁଣି ହଟ୍ଟଗୋଳ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୃହର ମଧ୍ୟଭାଗକୁ ଚାଲିଆସୁଛନ୍ତି । ଶ୍ରୀ ରିଜିଜୁ ଗୃହର ମର୍ଯ୍ୟାଦା ରକ୍ଷାକରି ବିରୋଧୀ ସଦସ୍ୟମାନେ ବଜେଟ୍ ବିତର୍କରେ ଭାଗ ନେବାଲାଗି ଅନୁରୋଧ କରିଥିଲେ ।

ପୀଠାସୀନ ଅଧିକାରୀ ଏବଂ ମନ୍ତ୍ରୀ ବାରମ୍ବାର ଆହ୍ୱାନ ଦେଉଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

ଆଜି ସକାଳେ ଲୋକସଭାର କାର୍ଯ୍ୟବିଧି ଆରମ୍ଭ ହେବାମାତ୍ରେ ପୀଠାସୀନ ଅଧିକାରୀ ପି.ସି.ମୋହନ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ; କିନ୍ତୁ କଂଗ୍ରେସ ସମେତ ଟିଏମ୍‌ସି ଓ ଡିଏମ୍‌କେର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ପ୍ରଶ୍ନକାଳ ଚଳାଇ ରଖିବା ଲାଗି ପୀଠାସୀନ ଅଧିକାରୀ ବାରମ୍ବାର ଆହ୍ୱାନ ଦେଇଥିଲେ । ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ପଶୁସମ୍ପଦ ଓ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ଏସ୍‌ପିସିଂହ ବାଘେଲ, ପଶୁସମ୍ପଦ ଭିତ୍ତିଭୂମି ବିକାଶ ପାଣ୍ଠି ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଚାହିଁଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନଥିଲା । ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ପ୍ରଥମେ ଲୋକସଭାକୁ ପୂର୍ବାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

## କିରଣ ରିଜିଜୁ

ଲୋକସଭାର ଅଧିବେଶନ କାଳରେ ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି

ସଂପୃକ୍ତ ସଦସ୍ୟମାନଙ୍କ ଗୃହର ମର୍ଯ୍ୟାଦା ପ୍ରତି କୌଣସି ସମ୍ମାନ ନଥିବା ଦର୍ଶାଉଛି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ରିଜିଜୁ କହିଛନ୍ତି କଂଗ୍ରେସର ମହିଳା ସାଂସଦମାନେ ଗତ ସପ୍ତାହରେ ଟ୍ରେଜରୀ ବେଞ୍ଚ ଅତିକ୍ରମ କରି ପ୍ରଧାନମନ୍ତ୍ରୀଙ୍କ ଆସନ ଆଡକୁ ଚାଲି ଆସିଥିଲେ । ଏଭଳି କାର୍ଯ୍ୟକୁ ଲଜ୍ଜାଜନକ ଘଟଣା ବୋଲି ଶ୍ରୀ ରିଜିଜୁ କହିଛନ୍ତି । ବିଜେପି ସାଂସଦ ବିଶେଷଭାବେ ମହିଳା ସାଂସଦମାନେ କଂଗ୍ରେସ ସାଂସଦମାନଙ୍କ ବ୍ୟବହାର ସମ୍ପର୍କରେ ଲୋକସଭା ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ବିରୋଧୀ ଦଳ ସଦସ୍ୟମାନେ ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ମହିଳା ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଭୟ କରାଇଥିବା ନେଇ ପୋଷ୍ଟ କରୁଛନ୍ତି ।

## ଏଲ୍‌ଏସ୍-ବିକଶିତ ଭାରତ

କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ କହିଛନ୍ତି ବିକଶିତ ଭାରତ-ନିଶ୍ଚିତ ରୋଜଗାର ଏବଂ ଗ୍ରାମୀଣ ଆଜିବୀକା ମିଶନ ଭିବିଜୀରାମ୍‌ଜି ଅଧିନିୟମ କେବଳ ଏକ ନିଯୁକ୍ତି ଯୋଜନା ନୁହେଁ; ବରଂ ଗ୍ରାମାଞ୍ଚଳର ବିକାଶ ଦିଗରେ ଏକ ସମ୍ପୂର୍ଣ୍ଣ ଢ଼ାଞ୍ଚା ପ୍ରଦାନ କରୁଛି । ଲୋକସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ପାଶୱାନ କହିଛନ୍ତି, ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ

ପୂର୍ବର ୧୦୦ଦିନ ବଦଳରେ ୧୨୫ ଦିନର କର୍ମନିଯୁକ୍ତି ଯୋଗାଇ ଦିଆଯିବ । ମନ୍ତ୍ରୀ କହିଛନ୍ତି ଏହି ଯୋଜନା ଅଧୀନରେ ଯଦି ନିଯୁକ୍ତି ଦିଆ ନଯାଇପାରିବ ସେ କ୍ଷେତ୍ରରେ ବେରୋଜଗାରୀ ଭତ୍ତା ଦେବା ବାଧ୍ୟତାମୂଳକ କରାଯାଇଛି । ବିକଶିତ ଭାରତ ଜୀ ରାମ୍ ଜୀ ଅଧିନିୟମ ଅଧୀନରେ ନିଯୁକ୍ତି ଏବଂ ଜୀବିକା ସୁରକ୍ଷାକୁ ଆଇନ୍‌ଗତ ଭାବେ ଅକ୍ଷୁଣ୍ଣ ରଖାଯାଇଛି ।

## ଶାହା-ସିବିଆଇ ଲଞ୍ଚ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ସାଇବର ଜଡିତ ଠକେଇର ମୁକାବିଲା ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେବେ । ଏହି ଅବସରରେ ସେ ସିବିଆଇର ନୂତନ ସାଇବର ଅପରାଧ ଶାଖାର ଉଦ୍‌ଘାଟନ କରିବେ । ମନ୍ତ୍ରୀ ଶ୍ରୀ ଶାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଡ୍ୟାସ୍‌ବୋର୍ଡର ମଧ୍ୟ ଶୁଭାରମ୍ଭ କରିବେ ।

ସିବିଆଇ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଦେଶରେ ସାଇବର ଜଡିତ ଠକେଇ ଗୁଡ଼ିକର ବ୍ୟାପକତା ଦୃଷ୍ଟିରୁ ସେ ସମ୍ପର୍କିତ ସମସ୍ତ ସୂଚନା ସହଜରେ ଆଦାନପ୍ରଦାନ କରିବା । ଏହି ସମ୍ମିଳନୀ ସମୟରେ କେନ୍ଦ୍ରୀୟ ତଥା ରାଜ୍ୟ ଆଇନ୍ ପ୍ରବର୍ତ୍ତନକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ, ଟେଲିଯୋଗାଯୋଗ, ଆର୍ଥିକ ସେବା ଓ ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଲେଦର ଇଣ୍ଡିଆ-ୟୁଏସ୍ ଟ୍ରେଡ୍

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ଚମଡା ରପ୍ତାନୀ ପରିଷଦ ପ୍ରଶଂସା କରି ଚମଡା ଶିଳ୍ପକୁ ଏହା ଲାଭାନ୍ୱିତ କରିବ ବୋଲି କହିଛି । ଆକାଶବାଣୀ ସମ୍ବାଦକୁ ଚମଡା ରପ୍ତାନୀ ପରିଷଦର ଆଞ୍ଚଳିକ ଅଧ୍ୟକ୍ଷ ଅସଦ ଇରାକି କହିଛନ୍ତି ଚମଡାଜାତ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ ହେବା ଫଳରେ ବ୍ୟବସାୟୀମାନେ ଆଶ୍ୱସ୍ତ ହୋଇଛନ୍ତି । ଏହି ବାଣିଜ୍ୟ ଚୁକ୍ତିକୁ ସ୍ୱାଗତକରି ଶ୍ରୀ ଇରାକି କହିଛନ୍ତି ଦେଶରେ ଚମଡା ଶିଳ୍ପର ପୁର୍ନଉଦ୍ଧାର ଦିଗରେ ଏହା ସହାୟକ ହେବ । ଚମଡା ଶିଳ୍ପ ପାଇଁ ଏଭଳି ସୁଯୋଗ ସୃଷ୍ଟି କରିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

**V/O (Asad Eraki)**

## ଏଲ୍ଏସ୍-ପିଏମ୍ କିଶାନ

ପିଏମ୍ କିଶାନ ଯୋଜନା ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ୨୧ଟି ପର୍ଯ୍ୟାୟରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଥିବା ଜଣାପଡିଛି । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର କହିଛନ୍ତି ୨୦୧୯ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କୃଷକମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ପିଏମ୍ କିଶାନ ଯୋଜନାର ଶୁଭାରମ୍ଭ କରିଥିଲେ । ସେ କହିଛନ୍ତି ପ୍ରତ୍ୟେକ ବର୍ଷ ୩ଟି ସମାନ କିସ୍ତିରେ

ପ୍ରତ୍ୟେକ କୃଷକଙ୍କୁ ୬ ହଜାର ଟଙ୍କାର ଆର୍ଥିକ ଲାଭ ପ୍ରଦାନ କରାଯାଉଛି । ଦେଶର କୃଷକମାନଙ୍କୁ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ପ୍ରକ୍ରିୟାରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପିଏମ୍ କିଶାନ ଅର୍ଥ ପ୍ରଦାନ କରାଯାଉଛି ।

## କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍-ଏର ଏକ ମ୍ୟାଚ୍ ନାମ୍ବିଆ ଏବଂ ନେଦରଲ୍ୟାଣ୍ଡ୍‌ସ ମଧ୍ୟରେ ଜାରି ରହିଛି । ଦିଲ୍ଲୀର ଅରୁଣଜେଟ୍‌ଲୀ ଷ୍ଟାଡିୟମରେ ଆଜି ଚାଲିଥିବା ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ୍‌ସ ଟସ୍ ଜିତି ନାମ୍ବିଆକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନାମ୍ବିଆ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୬ ରନ୍ ସ୍କୋର କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ନେଦରଲ୍ୟାଣ୍ଡ୍‌ସ ୧୨ ଓଭରରେ ୨ଟି ୱିକେଟ୍ ହରାଇ ୯୫ରନ୍ ସଂଗ୍ରହ କରିଛି ।

ଏହି ପର୍ଯ୍ୟାୟରେ ଆଜି ଅପରାହ୍ଣ ୩ଟାରେ ଅନ୍ୟ ଏକ ମ୍ୟାଚ୍ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଓ ୟୁ.ଏ.ଇ. ମଧ୍ୟରେ ଅନୁଷ୍ଠିତ ହେବ । ଆଜି ସନ୍ଧ୍ୟା ୭ଟାରେ କଲମ୍ବୋର ସିଂହଳୀ ସ୍ପୋର୍ଟସ୍ କ୍ଲବରେ ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।